# NATIONAL NEWS BULLETIN (ODIA)
## 28 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର କରିବା ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପୁନଃ ପ୍ରକାଶ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୧୨ଟି ରାଜ୍ୟକୁ ପ୍ରଦାନ କରାଗଲା ୧୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ।
- କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ ସିଦ୍ଧରମେୟା ।
- ଚଳିତ ଆର୍ଥିକ ବର୍ଷରେ ସମ୍ପତ୍ତି ମୁଦ୍ରାକରଣ ରଣନୀତି ଅଧୀନରେ ଅନ୍ତର୍ଭୁକ୍ତ କରାଗଲା ୧ହଜାର ୬୯୨ କିଲୋମିଟର ଜାତୀୟ ରାଜପଥ ।

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ୩ଟିକିଆ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଆଜି ଚେମ୍ସଫୋର୍ଡ୍ ଠାରେ ଖେଳାଯିବ ପ୍ରଥମ ମ୍ୟାଚ୍ ।

# ଅମିତ ଶାହା-ଗୁଜରାଟ

ଦେଶରୁ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ଦେଶାନ୍ତର କରାଯିବା ନେଇ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଦୋହରାଇଛନ୍ତି । ଆଜି ତାଙ୍କ ଗାନ୍ଧିନଗର ଲୋକସଭା ନିର୍ବାଚନ ମଣ୍ଡଳୀରେ ୩୪୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିବା ଅବସରରେ ସେ ଏହା କହିଛନ୍ତି । ସୀମା ସୁରକ୍ଷା ବଳକୁ ଗୋଟିଏ ସପ୍ତାହ ମଧ୍ୟରେ ୬୦୦ ହେକ୍ଟର ଜମି ଯୋଗାଇ ଦେଇଥିବାରୁ ଶ୍ରୀ ଶାହା ପଶ୍ଚିମବଙ୍ଗ ସରକାରଙ୍କୁ ପ୍ରଶଂସା କରିଛନ୍ତି ।

**VO-**

ବୀର ସବରକରଙ୍କ ଜନ୍ମଦିନ ଅବସରରେ ଶ୍ରୀ ଶାହା ସବରକରଙ୍କ ଦେଶ ପାଇଁ ଅବଦାନର ସ୍ମୃତିଚାରଣ କରିଛନ୍ତି । ଭାରତମାତା ପାଇଁ ଶ୍ରୀ ସବରକର ଜୀବନବ୍ୟାପି ତ୍ୟାଗ କରିବା ସହିତ ବଳିଦାନ ଦେଇଥିଲେ ବୋଲି ଶ୍ରୀ ଶାହା କହିଛନ୍ତି । ତିନି ଦିନିଆ ଗସ୍ତରେ ଗୁଜରାଟ ଯାଇଥିବା ଶ୍ରୀ ଶାହା ଆଜି ତାଙ୍କ ଗସ୍ତର ପ୍ରଥମ ଦିନରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ବିକଶିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଆଜି ସନ୍ଧ୍ୟାରେ ଅହମ୍ମଦାବାଦ୍ ସ୍ଥିତ ଭୀମଜୀପୁରା ନିକଟରେ କେତେ ଗୁଡ଼ିଏ ପ୍ରକଳ୍ପକୁ ଶ୍ରୀ ଶାହା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଶିବରାଜ-ପିଏମ୍ ଆୱାସ୍ ଗ୍ରାମୀଣ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୧୨ଟି ରାଜ୍ୟକୁ ୧୦ ହଜାର କୋଟିରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି । ସେହି ରାଜ୍ୟଗୁଡ଼ିକ ହେଉଛି ଆସାମ, ଛତିଶଗଡ଼, ଗୁଜରାଟ, ହରିଆଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳମ୍, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ । ଏହି ଅବସରରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଭାସୀ ମାଧ୍ୟମରେ ଯୋଗଦେଇ କହିଛନ୍ତି, ଏହି ଯୋଜନା ଅଧୀନରେ ୪ କୋଟି ୯୫ ଲକ୍ଷ ଆବାସ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୩ କୋଟି ୯୧ ଲକ୍ଷ ଆବାସ ପୂର୍ବରୁ ଅନୁମୋଦିତ ହୋଇସାରିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରରେ ଦେଶର ଗରିବ ଲୋକଙ୍କୁ ଆବାସ ପ୍ରଦାନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଅନୁମୋଦିତ ଆବାସ ମଧ୍ୟରୁ ଇତିମଧ୍ୟରେ ତିନିକୋଟିରୁ ଅଧିକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱୟ ମାଧ୍ୟମରେ ଗ୍ରାମବାସୀଙ୍କ ଜୀବନଧାରଣର ମାନ ଉନ୍ନତ କରିବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି ।

# ଭିପି-ଥ୍ରୀ ଡେ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ତିନି ଦିନିଆ କର୍ଣ୍ଣାଟକ, ଗୋଆ ଏବଂ କେରଳ ଗସ୍ତରେ ଯିବେ । କର୍ଣ୍ଣାଟକର ବେଙ୍ଗାଲୁରୁ ଠାରେ ଆର୍ଟ୍ ଅଫ୍ ଲିଭିଂ ଫାଉଣ୍ଡେସନ୍‌ର ୪୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ସମାରୋହରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।ଏହା ପରେ ଦାଭାଙ୍ଗେ ସ୍ଥିତ ବି.ଡି.ଟି. କଲେଜ୍ ଅଫ୍ ଇଞ୍ଜିନିୟରିଂର ହୀରକ ଜୟନ୍ତୀ ସମାରୋହରେ ଉପରାଷ୍ଟ୍ରପତି ଯୋଗଦେବେ । ଶ୍ରୀ ରାଧାକ୍ରିଷ୍ଣନ୍ ଶନିବାର ଦିନ ପଣଜୀଠାରେ ଗୋଆ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ସହ ସି.ଏସ୍.ଆଇ.ଆର୍. ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିନୋଗ୍ରାଫି ପରିଦର୍ଶନରେ ଯିବାର କାର୍ଯ୍ୟ ସୂଚୀ ରହିଛି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ଆସନ୍ତା ୩୧ ତାରିଖ ରବିବାର ଦିନ ବେଲଥାଙ୍ଗାଡ଼ି ଠାରେ ସିରି ଶିଳ୍ପ ପାର୍କ ଉଦ୍‌ଘାଟନ କରିବା ସହ କର୍ଣ୍ଣାଟକ ଶ୍ରୀକ୍ଷେତ୍ର ଧର୍ମସ୍ଥଳ ମଞ୍ଜୁନାଥ ସ୍ୱାମୀ ମନ୍ଦିର ଗସ୍ତ କରିବେ । ସେହି ଦିନ କେରଳମ୍‌ର କୋଟାୟାମ୍ ସ୍ଥିତ ଦୀପିକା ମାଲାୟଲମ୍ ଦୈନିକ ସମ୍ବାଦପତ୍ରର ୧୪୦ତମ ପ୍ରତିଷ୍ଠା ଦିବସ ସମାରୋହକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ବୈଷ୍ଣବ-ଏଆଇ

ଆଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ କରିବା ଲକ୍ଷ୍ୟ ନେଇ କୃତ୍ରିମ ବୁଦ୍ଧିମତା ପାଠକ୍ରମକୁ ବ୍ୟାପକ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ନୂଆଦିଲ୍ଲୀରେ ଆଜି ଏ.ଆଇ. ପାଠ୍ୟକ୍ରମ ଟାସ୍କଫୋର୍ସ୍ ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି । ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ର ସହଯୋଗକୁ ସୁଦୃଢ଼ କରିବା ସହିତ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଆବଶ୍ୟକତା ପାଇଁ କୃତ୍ରିମ ବୁଦ୍ଧିମତା ଶିକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ମତବିନିମୟ ହୋଇଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି, ଦେଶର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାରି ରହିଥିବା ସ୍ନାତକ କମ୍ପ୍ୟୁଟର ସାଇନ୍ସ ଏବଂ ଆନୁସଙ୍ଗୀକ ପାଠ୍ୟକ୍ରମର ଭିତ୍ତିଭୂମି ନେଇ ଟାସ୍କଫୋର୍ସ ସମୀକ୍ଷା କରିଛି । ଶିଳ୍ପ ବିଶେଷଜ୍ଞ ଏବଂ ସଫ୍ଟୱେୟାର୍ ଆଣ୍ଡ ସର୍ଭିସେସ୍ କମ୍ପାନୀଗୁଡ଼ିକର ଜାତୀୟ ସଂଗଠନ (ନାସ୍କମ୍)ର ମିଳିତ ସହଭାଗିତାରେ ଏହି ସମୀକ୍ଷା କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# କର୍ଣ୍ଣାଟକ-ସିଏମ୍

କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଆଜି ଆନୁଷ୍ଠାନିକ ଭାବେ ରାଜ୍ୟପାଳଙ୍କ ସଚିବଙ୍କୁ ଲୋକଭବନରେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ତାଙ୍କର ଇସ୍ତଫାପତ୍ର ସରକାରୀ ଭାବେ ସଚିବ ଗ୍ରହଣ କରିଥିବା ସିଦ୍ଧରମେୟା ଗଣମାଧ୍ୟମକୁ କହିଛନ୍ତି । ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଡି.କେ. ଶିବକୁମାରଙ୍କୁ ନିମନ୍ତ୍ରଣ କରିବା ପାଇଁ ସିଦ୍ଧରମେୟା ରାଜ୍ୟପାଳଙ୍କୁ ଅନୁରୋଧ କରିଥିବା କହିଛନ୍ତି । ସେ କହିଛନ୍ତି, ୧୩୬ ଜଣ ବିଧାୟକଙ୍କ ସମର୍ଥନ ସହିତ ତାଙ୍କ ସରକାରଙ୍କ ପାଖରେ ବହୁମତ ରହିଛି ।

ଦଳର ହାଇକମାଣ୍ଡ ତାଙ୍କୁ ରାଜ୍ୟସଭାକୁ ଯିବା ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ତାହାକୁ ବିନମ୍ରତାର ସହିତ ଗ୍ରହଣ କରିନାହାନ୍ତି । ଜାତୀୟ ରାଜନୀତିରେ ତାଙ୍କର ରୁଚି ନ ଥିବାରୁ ସେ ରାଜ୍ୟବାସୀଙ୍କ ପାଇଁ ତାଙ୍କର କାର୍ଯ୍ୟ ପୂର୍ବଭଳି ଜାରି ରଖିବେ ବୋଲି କହିଛନ୍ତି ।

୨୦୨୩ ମସିହା ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ବିଜୟ ହାସଲ କଲା ପରେ ସିଦ୍ଧରମେୟା ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ । ପୂର୍ବରୁ ୨୦୧୩ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ । ଦୁଇଥରରେ ୮ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ସେ ରାଜ୍ୟର ସର୍ବାଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ରହିଥିଲେ । କର୍ଣ୍ଣାଟକ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ତଥା

ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ୨୦୨୩ ମସିହା ବିଧାନସଭା ନିର୍ବାଚନରେ ଦଳକୁ ଯିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଜୟଶଙ୍କର-ସାଇପ୍ରସ

ସାଇପ୍ରସର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋ ଡୋରିଡେସ୍‌ଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଆଜି ସାଇପ୍ରସ୍‌ଠାରେ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆ ପରିସ୍ଥିତି ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ଭାରତର ସ୍ୱାର୍ଥ ପ୍ରସଙ୍ଗ ଜଡ଼ିତ ବିଭିନ୍ନ ବିଷୟରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ସାଇପ୍ରସ ରାଷ୍ଟ୍ରପତିଙ୍କ ନିକଟରେ ଭାରତ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ବୋଲି ଡକ୍ଟର ଜୟଶଙ୍କର ବର୍ଣ୍ଣନା କରିବା ସହ ଦ୍ୱିପାକ୍ଷିକ ସହଭାଗିତା ଅଧିକ ସୁଦୃଢ଼ ହୋଇଛି ବୋଲି କହିଛନ୍ତି । ସାଇପ୍ରସଠାରେ ଡକ୍ଟର ଜୟଶଙ୍କର ୟୁରୋପୀୟ ସଂଘ ବୈଦେଶିକଗଣଙ୍କ ସହ ଏକ ଅନୌପଚାରିକ ବୈଠକରେ ଫଳପ୍ରଦ ଆଲୋଚନା କରିଛନ୍ତି ।

# ଏନ୍‌ଏଚ୍‌ଏଆଇ-ମନିଟାଇଜେସନ୍

ଚଳିତ ଆର୍ଥିକ ବର୍ଷରେ ସରକାରଙ୍କ ସମ୍ପତ୍ତି ମୁଦ୍ରାକରଣ ରଣନୀତି ଅଧୀନରେ ପ୍ରସ୍ତାବିତ ଜାତୀୟ ରାଜପଥଗୁଡ଼ିକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ. ଚିହ୍ନଟ କରିଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ମୋଟ୍ ୧ ହଜାର ୬୯୨ କିଲୋମିଟର ଦୀର୍ଘ ଜାତୀୟ ରାଜପଥକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ହରିଆଣା, ଚଣ୍ଡିଗଡ଼, କର୍ଣ୍ଣାଟକ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ମହାରାଷ୍ଟ୍ର ଆଦି ୯ଟି ରାଜ୍ୟର ଜାତୀୟ ରାଜପଥ ଏଥିରେ ଅନ୍ତର୍ଭୁକ୍ତ ।

ଏହି ରାଜପଥଗୁଡ଼ିକର ଭବିଷ୍ୟତ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ସଂଗ୍ରହ କରିବା ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ ପ୍ରଦାନ କରିବା ଓ ଜାତୀୟ ରାଜପଥର ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ଏହି ପଦକ୍ଷେପର ଅନ୍ୟତମ ଉଦ୍ଦେଶ୍ୟ । ମନ୍ତ୍ରଣାଳୟ କହିଛି, ଟୋଲ୍-ଅପରେଟ୍-ଟ୍ରାନ୍ସଫର୍ – ଟି.ଓ.ଟି. ଏବଂ ଭିତ୍ତିଭୂମି ନିବେଶ ଟ୍ରଷ୍ଟ ଅଧୀନରେ ସ୍ୱଚ୍ଛ ଓ ବ୍ୟବସ୍ଥିତ ମାଧ୍ୟମରେ ଏହି ପ୍ରକ୍ରିୟାକୁ ପରିଚାଳନା କରାଯିବ । ଦେଶ ବ୍ୟାପି ସଡ଼କ ଯୋଗାଯୋଗକୁ ଅଧିକ ସଶକ୍ତ କରିବା, ପରିଚାଳନାଗତ ଦକ୍ଷତା ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ

ଏହାର ଉପଯୋଗକୁ ଲକ୍ଷ୍ୟ ରଖି ଏନ୍.ଏଚ୍.ଏ.ଆଇ. ପକ୍ଷରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ମାଣ୍ଡବ୍ୟ ସିଲଙ୍ଗ

କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ତାଙ୍କର ତିନି ଦିନିଆ ମେଘାଳୟ ଗସ୍ତ ସମୟରେ ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ରାଜ୍ୟର ପ୍ରସ୍ତୁତିର ସମୀକ୍ଷା କରିବେ । ସିଲଙ୍ଗରେ ସେ ମଧ୍ୟ ଏକ ସମନ୍ୱିତ ବହୁମୁଖୀ ଇଣ୍ଡୋର କ୍ରୀଡ଼ା କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ଶ୍ରୀ ମାଣ୍ଡବ୍ୟ ଏହି ଗସ୍ତ ସମୟରେ ଯୁବ ବ୍ୟାପାର, କ୍ରୀଡ଼ା ଭିତ୍ତିଭୂମି ବିକାଶ ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର ସମୀକ୍ଷା କରିବେ । ଯୁବ ବ୍ୟାପାର ବିଭାଗର ଏକ ଚିନ୍ତନ ଅଧିବେଶନରେ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ଶନିବାର ଦିନ ଶ୍ରୀ ମାଣ୍ଡବ୍ୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ କେ ସାଙ୍ଗମାଙ୍କ ସହିତ ପ୍ରାୟ ୧୩୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ ଇଣ୍ଡୋର କ୍ରୀଡ଼ା କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ଏହି କ୍ରୀଡ଼ା କମ୍ପ୍ଲେକ୍ସକୁ ଆଗାମୀ ୩୯ତମ ଜାତୀୟ କ୍ରୀଡ଼ା ଆୟୋଜନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ବିବେଚନା କରାଯାଉଛି ।

# ଇଣ୍ଡିଆ-ଇଂଲଣ୍ଡ ଟି-ଟ୍ୱେଣ୍ଟି

ଭାରତ-ଇଂଲଣ୍ଡ ମଧ୍ୟରେ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ଇଂଲଣ୍ଡର ଚେମ୍‌ସ୍ଫୋର୍ଡ୍‌ଠାରେ ଆଜି ଭାରତୀୟ ସମୟ ରାତି ୧୧ଟାରେ ପ୍ରଥମ ମ୍ୟାଚ୍ ଖେଳାଯିବ । ଆଗାମୀ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତା ପୂର୍ବରୁ ଭାରତୀୟ ଦଳର ଏହା ଶେଷ ଦ୍ୱିପାକ୍ଷିକ ସିରିଜ୍ । ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳ ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ର୍ୟାଙ୍କିଙ୍ଗ୍‌ରେ ତୃତୀୟ ସ୍ଥାନରେ ରହିଛି ।